# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 February – 2026

---

## ପି.ଏମ୍. - ଇଣ୍ଡିଆ ଏ.ଆଇ. ଏକ୍ସପୋ-୨୦୨୬

ନୂଆଦିଲ୍ଲୀରେ ଆଜିଠାରୁ ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ସହ ସ୍ୱାସ୍ଥ୍ୟ, ସେବା, କୃଷି ଏବଂ ପ୍ରଶାସନ କ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା ହେବ। ଏହି ୫ ଦିନିଆ ସମ୍ମିଳନୀରେ ୧୩ଟି ଦେଶର ପ୍ରତିନିଧିମାନେ ଯୋଗଦେଉଥିବା ବେଳେ ୩ ଶହରୁ ଅଧିକ ପ୍ରଦର୍ଶନୀ ଓ ୫ ଶହରୁ ଅଧିକ ଅଧିବେଶନର ଆୟୋଜନ କରାଯିବ । ବିଶ୍ୱ ସ୍ତରରେ ଏ.ଆଇ. ବ୍ୟବସ୍ଥାରେ ନୂତନ ଭାଗିଦାରିତା ଏବଂ ବ୍ୟାବସାୟିକ ସୁଯୋଗ ସୃଷ୍ଟି କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

---

## ସର୍ବଦଳୀୟ ବୈଠକ

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏହା ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦଳର ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ରହିବେ। ବୈଠକରେ ବାଚସ୍ପତି ଗୃହର ସୁପରିଚାଳନା ପାଇଁ ବିଭିନ୍ନ ଦଳଠାରୁ ସହଯୋଗ ଲୋଡ଼ିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

---

## ରତ୍ନଭଣ୍ଡାର ସମୀକ୍ଷା ବୈଠକ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମୀକ୍ଷା ବୈଠକ ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ହସ୍ତଗତ ହୋଇଛି ଏବଂ ସମୀକ୍ଷା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ଏହା ପୂର୍ବରୁ ପୂର୍ବାହ୍ନ ୧୧ଟାରେ ରତ୍ନଭଣ୍ଡାର ସମ୍ପର୍କିତ ସମୀକ୍ଷା ବୈଠକ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ।

## ମୁଖ୍ୟମନ୍ତ୍ରୀ-ଏକାମ୍ରକ୍ଷେତ୍ର

ଭୁବନେଶ୍ୱର ଏକାମ୍ରକ୍ଷେତ୍ରର ବିକାଶ ଲାଗି ୩୩୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି ମହାଶିବରାତ୍ରି ଅବସରରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାମ୍ରକ୍ଷେତ୍ରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୮୦ କୋଟିଟଙ୍କାର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୫୦ କୋଟିଟଙ୍କା ବିନିଯୋଗରେ ବିନ୍ଦୁସାଗର ବିକାଶ କାର୍ଯ୍ୟ କରାଯିବ । ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ସୁରୁଖୁରୁରେ ଶେଷ କରିଥିବାରୁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ମହାଦୀପ

ରାଜ୍ୟର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପର୍ବ ଓ ଜାଗରଯାତ୍ରା ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଛି । ପୁରୀ ଶ୍ରୀ ଲୋକନାଥ ଦେବଙ୍କ ପୀଠରେ ସକାଳ ୫ଟା ୧ ମିନିଟ୍‌ରେ ମହାଦୀପ ଉଠିଥିଲା । ଶ୍ରୀଲୋକନାଥ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ହୋଇଥିବାରୁ ବିଧିମୁତାବକ ଶ୍ରୀମନ୍ଦିରରୁ ପ୍ରଭୁ ଜଗନ୍ନାଥଙ୍କ ପ୍ରତିନିଧି ଭାବେ ହରି ବିମାନରେ ବଜେ କରି ମଧ୍ୟରାତ୍ରି ପରେ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ହରିହର ଭେଟ ନୀତି ସଂପନ୍ନ ହେବା ସହ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା ।

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ନିର୍ଦ୍ଧାରିତ ସମୟର ଦେଢ଼ଘଣ୍ଟା ପୂର୍ବରୁ ରାତି ୮ଟା ୩୮ରେ ମହାଦୀପ ଉଠିଥିଲା ।  ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଲିଙ୍ଗରାଜ ମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ ।

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଭୋର୍ ୪ଟା ୩୦ମିନିଟ୍‌ରେ ମହାଦୀପ ଉଠିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଅପରେସନ ସାଇବର କବଚ

ସାଇବର ଅପରାଧ ନେଟଓ୍ୱର୍କକୁ ସଂପୂର୍ଣ୍ଣ ରୂପେ ମୂଳପୋଛ କରିବା ପାଇଁ ଓଡ଼ିଶା ପୋଲିସ୍‌ର ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଜାରି ରହିଛି । ଏହା ଅଧୀନରେ ସାଇବର ଠକେଇ ପାଇଁ ବ୍ୟବହାର ହେଉଥିବା ୭୩ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ୍ ଯାଞ୍ଚ କରାଯାଇଥିବା ବେଳେ ୬ ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ସହାୟତା କରୁଥିବା ୫୧ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିବା ସୂଚନା ମିଳିଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୪୫ଟି ବ୍ୟାଙ୍କ ଆକାଉଣ୍ଟ୍ ଯାଞ୍ଚ କରାଯାଇଥିବା ବେଳେ ମାଲକାନଗିରିରେ ୨୦ଟି ଆକାଉଣ୍ଟ ଯାଞ୍ଚ କରାଯାଇ ମାମଲା ରୁଜୁ କରାଯାଇଛି ।

---

# ଗୀତା ପଟ୍ଟନାୟକଙ୍କ ପରଲୋକ

ସ୍ୱନାମଧନ୍ୟ ଓଡ଼ିଆ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କର ଗତ ସନ୍ଧ୍ୟାରେ ୭୩ ବର୍ଷ ବୟସରେ ପରଲୋକ ଘଟିଛି । ଗତ ୧୨ ତାରିଖରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ୧୯୭୦ ଦଶକରେ ସଙ୍ଗୀତ ଜୀବନ ଆରମ୍ଭ କରିଥିବା ଗୀତା ପଟ୍ଟନାୟକ ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଥିଲେ । 'ଫୁର୍ କିନା ଉଡ଼ିଗଲା ବଣି, ଏଇ ତାରାଭରା ଜହ୍ନରାତି' ଭଳି ଅନେକ କାଳଜୟୀ ଗୀତରେ କଣ୍ଠଦାନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଛନ୍ତି ।

ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଆଜି କଟକ ସତୀଚଉରାଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ।

# ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜନଅଭିଯୋଗ ଶୁଣାଣି ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି କୁହାଯାଇଛି ।

# ପୁସ୍ତକମେଳା

ସୁବର୍ଣ୍ଣପୁର ରୟାଲ୍ ପଡ଼ିଆଠାରେ ସପ୍ତମ ଜିଲ୍ଲା ପୁସ୍ତକମେଳା ଇଙ୍କ୍‌ଫେଷ୍ଟ୍-୨୦୨୬ର ଦ୍ୱିତୀୟ ସନ୍ଧ୍ୟାରେ ସୁବର୍ଣ୍ଣପୁରର ଟେରାକୋଟା ଶିଳ୍ପ ପ୍ରସଙ୍ଗରେ ଆଲୋଚନ ଚକ୍ରଅନୁଷ୍ଠିତ ହୋଇଯାଇଛି । ବେଣୁଧର ପ୍ରଧାନଙ୍କ ସଂଯୋଜନାରେ ଗବେଷକ ତଥା ଐତିହାସିକ ଡକ୍ଟର ଅନୀଲ ଧୀର ଓ ଡକ୍ଟର ଲଲାଟେନ୍ଦୁ ଦାସ ମହାପାତ୍ର ସୁବର୍ଣ୍ଣପୁର ଟେରାକୋଟା ଶିଳ୍ପର ଅର୍ଥନୈତିକ ଦିଗ ଉପରେ ଆଲୋଚନା କରିଥିଲେ।

# ହକି

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଆର୍ଜେଣ୍ଟିନା’ ଭାରତକୁ

୪-୨ ଗୋଲ୍‌ରେ ପରାସ୍ତ କରିଛି । ଏଥିସହିତ ଭାରତ ଚତୁର୍ଥଥର ଲାଗି ପରାଜୟର ସାମ୍‌ନା କରିଛି। ଗତକାଲିର ମ୍ୟାଚ୍ ସହ ରାଉରକେଲାରେ ପୁରୁଷ ପ୍ରୋ ଲିଗ୍ ହକି  ଶେଷ ହୋଇଛି ।

## ଖେଲୋ ଇଣ୍ଡିଆ

ଝାଡ଼ଖଣ୍ଡର ରାଞ୍ଚିଠାରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରର ଜନଜାତି ବର୍ଗ ଫୁଟବଲ ପ୍ରତିଯୋଗିତା ଖେଲୋ ଇଣ୍ଡିଆ ୨୦୨୬ରେ ନବରଙ୍ଗପୁର ଉମରକୋଟର ହରିସାନ୍ତା ସ୍ଥାନ ପାଇଛନ୍ତି । ସେ ଓଡ଼ିଶା ଟିମ୍‌ରେ ଗୋଲ୍ କିପର ଭାବେ ଖେଳବି। ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି । ଆସନ୍ତା ୨୦ ତାରିଖରେ ଓଡ଼ିଶା’ ପଶ୍ଚିମବଙ୍ଗ ସହ ପ୍ରଥମ ମ୍ୟାଚ୍ ଖେଳିବ ।